# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10 January – 2026

*********************************

## ମୁଖ୍ୟ ସମ୍ବାଦ

- ସମ୍ବଲପୁରର ବିକାଶ ପାଇଁ ୯୪୮ କୋଟି ଟଙ୍କା ମୂଲ୍ୟର ୨୫ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

– ୨୫ଟି ଇ-ବସ୍ ସେବାର କଲେ ଶୁଭାରମ୍ଭ

- ରାଉରକେଲା ବିମାନ ଦୁର୍ଘଟଣାର ତଦନ୍ତ କରିବ ବିମାନ ଦୁର୍ଘଟଣା ଅନୁସନ୍ଧାନ ବ୍ୟୁରୋ
- ବିଶ୍ୱ ପୁସ୍ତକ ମେଳାରେ ୧୦ଟି ଭାଷାରେ କୁଦୋପାଲି ବୀରତ୍ୱ ଗାଥା ପୁସ୍ତକର ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଏବଂ

- ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ' ଚର୍ଚ୍ଚାରେ ବର୍ତ୍ତମାନ ସୁଦ୍ଧା ୪ କୋଟିରୁ ଅଧିକ ପଞ୍ଜୀକରଣ

# ମୁଖ୍ୟମନ୍ତ୍ରୀ– ବସ୍ ଟର୍ମିନାଲ ଉଦ୍‌ଘାଟନ

ସମ୍ବଲପୁରକୁ ଦୁଇଦିନିଆ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୯୪୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରେ ୧୪ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୧୧ଟି ପ୍ରକଳ୍ପର ଶିଳାନ୍ୟାସ ଅନ୍ତର୍ଭୁକ୍ତ। ବୁର୍ଲା ପିଏମ୍‌ଶ୍ରୀ ସ୍କୁଲ ପଡ଼ିଆଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୩ଟି ଆଦର୍ଶ ବିଦ୍ୟାଳୟର ଛାତ୍ରୀ ନିବାସକୁ ମଧ୍ୟ ଲୋକାର୍ପଣ କରିଛନ୍ତି। ରେଙ୍ଗାଲି, ଜମନକିରା ଏବଂ କୁସୁମିଠାରେ ପୂର୍ତ୍ତବିଭାଗ ପକ୍ଷରୁ ଏହି ତିନୋଟି ଛାତ୍ରୀ ନିବାସର ଲୋକାର୍ପଣ କରିଛନ୍ତି। ଜମନକିରା ଏବଂ ବାଟଗାଁ ଲାମ୍ପସ୍‌ର ୨୫ ଶହ ଟନ୍ ବିଶିଷ୍ଟ ଦୁଇଟି ଗୋଦାମ ଗୃହକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

ପୂର୍ବରୁ ଅଇଁଠାପାଲିଠାରେ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ– କ୍ରୁଟ୍’ର ଅତ୍ୟାଧୁନିକ ବସ୍ ଟର୍ମିନାଲକୁ ଉଦ୍‌ଘାଟନ କରିଛନ୍ତି। ସମ୍ବଲପୁରବାସୀଙ୍କ ଯାତାୟାତ ବ୍ୟବସ୍ଥାକୁ ସୁସଂଗତ କରିବା ଲକ୍ଷ୍ୟ ନେଇ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ବସ୍ ଟର୍ମିନାଲ ଏବଂ ବସ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ୨୩୮ କୋଟି ୧୪ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ୨୫ଟି ନୂଆ ଇ-ବସ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଚଳିତ ମାସ ଶେଷ

ସୁଦ୍ଧା ଆଉ ୨୫ଟି ଇ-ବସ୍‌ର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ହୁଇଲ୍ ଚେୟାରର ବ୍ୟବସ୍ଥା ରହିବା ସହିତ ଯାତ୍ରୀଙ୍କ ସୁରକ୍ଷା ଏବଂ ସୁବିଧା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଡିଜିଟାଲ ପେମେଣ୍ଟ ସହିତ ରିହାତିର ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ପରିବେଶ ପ୍ରଦୂଷଣକୁ ହ୍ରାସ କରିବାରେ ଏହି ଇ-ବସ୍‌ଗୁଡ଼ିକ ସହାୟକ ହେବ।

**- V/O -**

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଆସନ୍ତାକାଲି ଶ୍ରୀ ମାଝୀ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଟ୍ରମା କେୟାର ସେଣ୍ଟରକୁ ଉଦ୍‌ଘାଟନ କରିବା ସହ ଟିପ୍ପୁପାଲିଠାରେ ୨୪ ଘଣ୍ଟିଆ ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି।

Jharsuguda

## ବିମାନ ଦୁର୍ଘଟଣା

ରାଉରକେଲାରୁ ଭୁବନେଶ୍ୱର ଆସୁଥିବା ଏକ ଘରୋଇ ବିମାନର ଦୁର୍ଘଟଣାର କାରଣ ଜାଣିବା ପାଇଁ ଏୟାରକ୍ରାପ୍ଟ ଦୁର୍ଘଟଣା ଅନୁସନ୍ଧାନ ବ୍ୟୁରୋ ବିସ୍ତୃତ ତଦନ୍ତ କରିବ। ତେବେ ଘଟଣାସ୍ଥଳରେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ଏବଂ ପଶ୍ଚିମାଞ୍ଚଳ ଡି.ଆଇ.ଜି. ପହଁଞ୍ଚି ସ୍ଥିତି ଅନୁସନ୍ଧାନ କରିବା ସହ ଦୁର୍ଘଟଣାର କାରଣ ନେଇ ଯାଞ୍ଚ କରୁଛନ୍ତି। ରାଉରକେଲା

ବିମାନ ବନ୍ଦରରୁ ଉଡ଼ାଣ ଆରମ୍ଭ କରିଥିବା ୯ଟି ସିଟ୍ ବିଶିଷ୍ଟ ଏହି ବିମାନଟି ୧୫ରୁ ୨୦କିଲୋମିଟର ଗସ୍ତ କରିବା ପରେ ରଘୁନାଥପାଲି କାନସର ନିକଟସ୍ଥ ପଡ଼ିଆରେ ଜରୁରୀ ଅବତରଣ କରିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନର କ୍ରୁ ସଦସ୍ୟ ରାଉରକେଲା ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ ଜରୁରୀକାଳୀନ ସ୍ଥିତି ନେଇ ସୂଚନା ପ୍ରଦାନ କରିଥିଲେ। ବିମାନରେ ଥିବା ଜଣେ ପାଇଲଟ ଏବଂ କୋପାଇଲଟ୍‌କୁ ମିଶାଇ ୪ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି।

HS

## ବସ୍ ମାଲିକ ସଂଘ ବୈଠକ

ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସହ ବସ୍ ମାଲିକ ସଂଘର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ସ୍ଲିପର କୋଚ୍ ବସ୍‌ଗୁଡ଼ିକ ପାଇଁ ଥିବା ନିୟମକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବସ୍‌ରେ ପାଣି ଏବଂ ସ୍ପ୍ରିଙ୍କଲର ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଏ ନେଇ ରହିଥିବା କୋର୍ଟଙ୍କ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରାଯିବ। ବସ୍‌ରେ ଘଟୁଥିବା ଅଗ୍ନିକାଣ୍ଡକୁ ଦୃଷ୍ଟିରେ ରଖି ଏପରି ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି।

Desk

# ବିଶ୍ୱ ହିନ୍ଦୀ ଦିବସ

ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ହିନ୍ଦୀ ଭାଷାକୁ ବୈଷୟିକ ଓ କୃତ୍ରିମ ବୁଦ୍ଧିମତା ସହ ସଂଯୋଗ କରିବା। ହିନ୍ଦୀ ଭାଷା ସାଧାରଣ ଭାବରେ ସରଳ ସମୃଦ୍ଧ ଭାଷା ହୋଇଥିବାରୁ ବିଶ୍ୱର ସବୁଠାରୁ ଅଧିକ କୁହାଯାଉଥିବା ୫ଟି ଭାଷା ମଧ୍ୟରେ ହିନ୍ଦୀ ଭାଷା ସ୍ଥାନ ପାଇଛି । ୧୯୭୫ ମସିହାରେ ଆଜିର ଦିନରେ ନାଗପୁରରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀରେ ବିଶ୍ୱ ହିନ୍ଦୀ ଦିବସ ପାଳନ ପାଇଁ ପ୍ରସ୍ତାବ ଦିଆଯାଇଥିଲା।

ଭାରତ ସରକାର ୨୦୦୬ ମସିହାରୁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ୧୦ ତାରିଖକୁ ବିଶ୍ୱ ହିନ୍ଦୀ ଦିବସ ଭାବେ ପାଳନ କରୁଛନ୍ତି ।

Desk

# ବିଶ୍ୱ ପୁସ୍ତକ ମେଳା

ପୁସ୍ତକଗୁଡ଼ିକ ଜ୍ଞାନର ଭଣ୍ଡାର ଏବଂ ପରବର୍ତ୍ତୀ ପିଢ଼ି ସହ ସଂଯୋଗ ସ୍ଥାପନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ବିଶ୍ୱ ପୁସ୍ତକ ମେଳା-୨୦୨୬ ୫୩ତମ ସଂସ୍କରଣକୁ ଆଜି ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି, ସାମାଜିକ ବିବର୍ତ୍ତନର ସ୍ମୃତିକୁ ଏହା ସାଇତି ରଖିବା ସହ

ସମାଜକୁ ମାର୍ଗଦର୍ଶନ କରିଥାଏ। ଭବ୍ୟ ନୂଆଦିଲ୍ଲୀ ପୁସ୍ତକ ମେଳା ଦେଶର ପଠନ ସଂସ୍କୃତିକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ଦେଶ ସ୍ୱାଧୀନତା ସଂଗ୍ରାମର ଏକ ଅବିସ୍ମରଣୀୟ ଅଧ୍ୟାୟ କୁଦୋପାଲି ବୀରତ୍ୱ ଗାଥା ପୁସ୍ତକକୁ ଲୋକାର୍ପଣ କରିଛନ୍ତି। ୧୮୫୭ ସଂଗ୍ରାମର ଏହି ଅଣଆଲୋଚିତ ତଥା ଅକୁହା କାହାଣୀ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ମଧ୍ୟ ପ୍ରଦର୍ଶିତ ହୋଇଛି। ପୁସ୍ତକଟି ସ୍ପାନିଶ, ବଙ୍ଗାଳୀ, ପଞ୍ଜାବୀ, ଅସମିଆ, ମାଲାୟାଲମ, ଉର୍ଦ୍ଦୁ, ମରାଠି, ତାମିଲ, କନ୍ନଡ଼ ଏବଂ ତେଲୁଗୁ ଭଳି ମୋଟ ୧୦ଟି ଭାଷାରେ ଉନ୍ମୋଚିତ ହୋଇଛି। ପୂର୍ବରୁ ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଲୋକାର୍ପିତ ହୋଇସାରିଥିବା ଏହି ପୁସ୍ତକଟି ବର୍ତ୍ତମାନ ୧୩ଟି ଭାଷାରେ ଉପଲବ୍ଧ ହେଉଛି। ବିଭିନ୍ନ ଭାଷାରେ ଉନ୍ମୋଚିତ ପୁସ୍ତକ  ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

Desk

# ପ୍ରଧାନ-ପରୀକ୍ଷା ପେ ଚର୍ଚ୍ଚା

ପରୀକ୍ଷା ପେ ଚର୍ଚ୍ଚା ୨୦୨୬ ପାଇଁ ବର୍ତ୍ତମାନ ସୁଦ୍ଧା ୪ କୋଟିରୁ ଅଧିକ ଅଂଶଗ୍ରହଣକାରୀ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି । ଗତ ବର୍ଷର ଗିନିଜ୍ ବିଶ୍ୱ ରେକର୍ଡ଼କୁ ମଧ୍ୟ ଏହା ଅତିକ୍ରମ କରିଛି ।  ଗତବର୍ଷ ୩ କୋଟି ୫୦ ଲକ୍ଷ ପଞ୍ଜୀକୃତ ହୋଇଥିଲେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ

ଯୁବ ପିଢ଼ିଙ୍କୁ ଚାପମୁକ୍ତ ପରିବେଶ ପ୍ରଦାନ କରିବା ସହ ଦେଶବ୍ୟାପି ଏକ ଆନ୍ଦୋଳନରେ ପରିଣତ ହୋଇଛି । ମନ୍ତ୍ରୀ ଶ୍ରୀ ପ୍ରଧାନ' ସମସ୍ତ ପରୀକ୍ଷାର୍ଥୀଙ୍କୁ ଚଳିତ ବର୍ଷର କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ପରୀକ୍ଷା ଋତୁ ପାଖେଇ ଆସୁଥିବାରୁ ଛାତ୍ରଛାତ୍ରୀମାନେ ଆତ୍ମବିଶ୍ୱାସ, ଧ୍ୟାନ ଏବଂ ସୁସ୍ଥତା ଉପରେ ଆୟୋଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରୀକ୍ଷା ସମ୍ବନ୍ଧୀୟ ଚାପକୁ ଦୂରେଇ ଦେଇପାରିବେ ।

HS

## ସ୍ୱାସ୍ଥ୍ୟମନ୍ତ୍ରୀ– ଜଣ୍ଡିସ

ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଦୂଷିତ ପାଣି ବ୍ୟବହାର ଦ୍ୱାରା ଜଣ୍ଡିସ ବ୍ୟାପିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ସ୍କୁଲ ରୋଷେଇ ଘରେ ପାଇପ୍ ଫାଟି ପାଣି ଦୂଷିତ ହେବାରୁ ଜଣ୍ଡିସ ରୋଗ ବ୍ୟାପିଥିବା ସ୍ପଷ୍ଟ ହୋଇଛି । ପାଣି ପରୀକ୍ଷଣ ରିପୋର୍ଟ ହସ୍ତଗତ ହେବା ପରେ ଏହା ଜଣାପଡ଼ିଛି । ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଡକ୍ଟର ମହାଲିଙ୍ଗ କହିଛନ୍ତି । ସେ କହିଛନ୍ତି, ଜଣ୍ଡିସର ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି ।

BHK

## ସଡ଼କ ପଥ ଶିଳାନ୍ୟାସ

ଭଦ୍ରକ ଜିଲ୍ଲା ଜଗଦଳପୁର ପଞ୍ଚାୟତ ଅନ୍ତର୍ଗତ ବଳନ୍ତଠାରୁ ଚୂଡ଼ଙ୍ଗ ପର୍ଯ୍ୟନ୍ତ ଗ୍ରାମ୍ୟ ସଡ଼କ ପଥର ଶିଳାନ୍ୟାସ ହୋଇଛି । ସାଂସଦ ଅଭିମନ୍ୟୁ

ସେଠାରେ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଶିଳାନ୍ୟାସ ସମାରୋହରେ ଯୋଗଦେଇ ଗ୍ରାମ୍ୟ ସଡ଼କ ଯୋଗାଯୋଗ ନେଇ ସରକାର ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ବଳନ୍ତ–ଚୂଡ଼ଙ୍ଗ ସଡ଼କପଥ ପାଇଁ ୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।

Koraput

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ହାଟପଦାଠାରେ ଆଜି ମାଣ୍ଡିଆମଣ୍ଡି ଉଦ୍‌ଘାଟିତ ହୋଇଛି। ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଖୋଲାଯାଇଥିବା ଏହି ମଣ୍ଡିକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଉଦ୍‌ଘାଟନ କରିଛନ୍ତି। ବ୍ଲକର ବୈପାରୀଗୁଡ଼ା, ବାଲିଗାଁ, ରାମଗିରି ଏବଂ ଦଶବନ୍ତପୁର ଆଦି ସ୍ଥାନରେ ମାଣ୍ଡିଆ ମଣ୍ଡି ରହିଛି। ମାଣ୍ଡିଆ ବିକ୍ରି ପାଇଁ ଜିଲ୍ଲା ୨ ହଜାର ୯୮୫ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଆଜି ୭ ଜଣ ଚାଷୀଙ୍କଠାରୁ ୧୩୭ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି।

Dhenkanal

## ହାଫ୍ ମାରାଥନ

ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଆଥଲେଟିକ ଆସୋସିଏସନ୍‌ର ସହଯୋଗରେ ଆଜି ଟାଟାଷ୍ଟିଲ୍–କପିଳାସ ହାଫ୍ ମାରାଥନର ତୃତୀୟ ସଂସ୍କରଣ ଆଜି ଅନୁଷ୍ଠିତ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ

ସୂର୍ଯ୍ୟବଂଶୀ ସୁରଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। କେବଳ ସୁସ୍ଥତା ପାଇଁ ନୁହେଁ ବରଂ ଜୈବବିବିଧତା ବିଶେଷ କରି ହାତୀ ସୁରକ୍ଷା ପାଇଁ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବା ଉପରେ ଏହି ମାରାଥନ ଆହ୍ୱାନ ପ୍ରଦାନ କରୁଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଏହି ପ୍ରତିଯୋଗିତା ଯୁବବର୍ଗଙ୍କ ମଧ୍ୟରେ ଫିଟ୍ ଇଣ୍ଡିଆ ଅଭିଯାନ ପାଇଁ ଦାୟିତ୍ୱବୋଧ ଏବଂ ପ୍ରତିବଦ୍ଧତା ସୃଷ୍ଟି କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୁରଜ ଆଶାବ୍ୟକ୍ତ କରିଛନ୍ତି।

ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରସଙ୍ଗ ଆଧାରିତ ଏହି ମାରାଥନ ଦୌଡ଼ରେ ୧୪ଟି ରାଜ୍ୟର  ୫ ହଜାର ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ଏହି ଦୌଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

Boudh

## ପାଣି ପଞ୍ଚାୟତ ପକ୍ଷ

ବୌଦ୍ଧ ଜିଲ୍ଲା କରଡ଼ି ଗ୍ରାମଠାରେ ଉଠାଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି।  ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏଥିରେ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ଉଠାଜଳସେଚନ ପ୍ରକଳ୍ପଗୁଡ଼ିକର ସଫଳ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଛନ୍ତି।

ଜିଲ୍ଲାର କଣ୍ଟାମାଳ ବ୍ଲକ ଦେଉଳିଠାରେ ଅନୁଷ୍ଠିତ ପାଣି ପଞ୍ଚାୟତ ପକ୍ଷକୁ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଶୁଭାରମ୍ଭ କରିଛନ୍ତି।

Desk

## ଶିଶିର ମେଳା

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆଜିଠାରୁ 'ଶିଶିର ସରସ ମେଳା-୨୦୨୬' ଆରମ୍ଭ ହେଉଛି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ଓଡ଼ିଶୀ ସମେତ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି।

MET

## ଶୀତ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଶୀତ ବୃଦ୍ଧି ପାଇବା ନେଇ ସୁନ୍ଦରଗଡ, ଝାରସୁଗୁଡା ଓ ଅନୁଗୁଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*********************************